# କୁଏତରେ ଭାରତର ପ୍ରଧାନମନ୍ତ୍ରୀଙ୍କ ଲେବର୍ କ୍ୟାମ୍ପ ପରିଦର୍ଶନ

ଡିସେମ୍ବର 21, 2024

କୁଏତ କୁ ତାଙ୍କର ପରିଦର୍ଶନ ର ପ୍ରଥମ କାର୍ଯ୍ୟକ୍ରମ ଭାବରେ, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ କୁଏତ ର ମିନା ଅବ୍ଦୁଲ୍ଲା ଅଞ୍ଚଳରେ ପ୍ରାୟ 1500 ଭାରତୀୟ ନାଗରିକଙ୍କ ଏକ ଶ୍ରମିକ ଶିବିର କୁ ଯାଇଥିଲେ।  ପ୍ରଧାନମନ୍ତ୍ରୀ ଭାରତର ବିଭିନ୍ନ ରାଜ୍ୟରୁ ଭାରତୀୟ ଶ୍ରମିକମାନଙ୍କ ବିଭିନ୍ନ ବର୍ଗ ସହିତ କଥାବାର୍ତ୍ତା କରିଥିଲେ ଏବଂ ସେମାନଙ୍କର ଭଲମନ୍ଦ ପଚାରି ବୁଝିଥିଲେ।

2. ଶ୍ରମିକ ଶିବିରକୁ ଯିବା ବିଦେଶରେ ଥିବା ଭାରତୀୟ ଶ୍ରମିକମାନଙ୍କର କଲ୍ୟାଣ ପାଇଁ ପ୍ରଧାନମନ୍ତ୍ରୀଙ୍କ ଯତ୍ନଶୀଳତାର ଏକ ପ୍ରତୀକ ଅଟେ।  ଗତ କିଛି ବର୍ଷ ମଧ୍ୟରେ, ସରକାର ଇ-ମାଇଗ୍ରେଟ୍ ପୋର୍ଟାଲ, ମଦଦ୍ ପୋର୍ଟାଲ ଭଳି ଅନେକ ପ୍ରଯୁକ୍ତି-ଆଧାରିତ ପଦକ୍ଷେପ ଗ୍ରହଣ କରିଛନ୍ତି ଓ ବିଦେଶରେ ଭାରତୀୟ ଶ୍ରମିକମାନଙ୍କର କଲ୍ୟାଣ ପାଇଁ ପ୍ରବାସୀ ଭାରତୀୟ ବୀମା ଯୋଜନାକୁ ଅପଗ୍ରେଡ୍ କରିଛନ୍ତି।

କୁଏତ ସହର

ଡିସେମ୍ବର 21, 2024